Candidate must not write on this margin.

CSM—6/24

PART—II/PAPER—IV

GENERAL STUDIES—III

ସାଧାରଣ ଅଧ୍ୟୟନ—III

Time : 3 Hours

ସମୟ : ୩ ଘଣ୍ଟା

Full Marks : 250

ପୂର୍ଣ୍ଣ ସଂଖ୍ୟା : ୨୫୦

The question paper contains **17** ***(Seventeen)*** *questions.*
In **Group—A, 12** ***(Twelve)*** *and* **Group—B, 05** ***(Five)*** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group—A, 12 (ବାର)** ଏବଂ **Group—B, 05 (ପାଞ୍ଚ)** କୁ ମିଶାଇ **17 (ସତର)** ଟି ପ୍ରଶ୍ନ ରହିଛି ।

GROUP—A

ଗ୍ରୁପ୍—A

Candidates to attempt **10** ***(ten)*** *questions within word limit of* **250**.
Each question carries **15** *marks.*

ପରୀକ୍ଷାର୍ଥୀମାନେ **10** ଟି ପ୍ରଶ୍ନ **250** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **15** ମାର୍କ ।

1. What do you mean by 'Dutch disease'? How do the authors use this concept to explain the Indian economy in their book *A Sixth of Humanity*?

ଡଚ୍ ରୋଗ (Dutch disease) କହିଲେ କ'ଣ ବୁଝ । *A Sixth of Humanity* ବହିର ଲେଖକମାନେ କିପରି ଭାରତୀୟ ଅର୍ଥନୀତିକୁ ବୁଝାଇବାକୁ ଏହି ତତ୍ତ୍ୱର ବ୍ୟବହାର କରିଛନ୍ତି ।

2. Discuss the evolution of India's biodiversity legal framework and critically examine the key changes and impact of the NBA Regulations, 2025.

ଭାରତର ଜୈବ ବିବିଧତା (Biodiversity) ର ଆଇନଗତ ଢାଞ୍ଚାର ବିବର୍ତ୍ତନ ଉପରେ ଆଲୋଚନା କର । NBA Regulation, 2025 ରେ ହୋଇଥିବା ପରିବର୍ତ୍ତନ ଏବଂ ତାର ପ୍ରଭାବଉପରେ ଏକ ଆଲୋଚନାତ୍ମକ ସମୀକ୍ଷା କର ।

3. What is space debris? What are its challenges and redressal? How did it affect China's Spacecraft recently?

ମହାକାଶ ଭଗ୍ନାବଶେଷ କ'ଣ? ଏହାପାଇଁ ଥିବା ଆହ୍ୱାନ ଏବଂ ପ୍ରତିକାର କ'ଣ? ସମ୍ପ୍ରତି ଚୀନ୍‌ର ଅନ୍ତରୀକ୍ଷଯାନକୁ ଏହା କିପରି ପ୍ରଭାବିତ କଲା ଦର୍ଶାଅ ।

4. Analyse economies of livestock rearing as a big potential for generating non-farm employment in rural areas. Discuss some measures undertaken by the Odisha Government to promote this sector.

ଗ୍ରାମାଞ୍ଚଳରେ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବାପାଇଁ ପଶୁପାଳନର ଅର୍ଥନୀତି ଏକ ବଡ଼ ସମ୍ଭାବନା ବିଶ୍ଳେଷଣ କର । ଏଥି ସହିତ ଏହି କ୍ଷେତ୍ରକୁ ବିକାଶ କରିବାପାଇଁ ଓଡ଼ିଶା ସରକାର ଗ୍ରହଣ କରିଥିବା କେତେକ ପଦକ୍ଷେପ ସଂପର୍କରେ ଆଲୋଚନା ମଧ୍ୟ କର ।

5. Discuss the mandate and role of Special Operation Group (SOG) of Odisha Police in combating left-wing extremist problem in Odisha. Has the group achieved its objective? Explain.

ଓଡ଼ିଶା ପୋଲିସ୍‌ର Special Operation Group (SOG) ର ଅଧିଦେଶ (mandate) ଏବଂ ଓଡ଼ିଶାରେ ଉଗ୍ରବାଦୀ ବାମପନ୍ଥୀ ସମସ୍ୟାର ମୁକାବିଲା କରିବାରେ ଏହାର ଭୂମିକା ଉପରେ ଆଲୋଚନା କର । ଏହି ଗ୍ରୁପ ତାହାର ଉଦ୍ଦେଶ୍ୟରେ ସଫଳ ହୋଇଛି କି? ଆଲୋଚନା କର ।

6. Ethanol blending in petrol is considered one of the promising solutions for reducing dependence on fossil fuels in the transport sector. Discuss the scientific and economic justification for ethanol blending in petrol, its major benefits and key challenges. Evaluate alternative clean transport solutions and compare their long-term sustainability with ethanol blending.

ପରିବହନ କ୍ଷେତ୍ରରେ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବାପାଇଁ ପେଟ୍ରୋଲରେ ଇଥାନଲ ମିଶ୍ରଣକୁ ଏକ ପ୍ରତିଶ୍ରୁତିପୂର୍ଣ୍ଣ ସମାଧାନ ଭାବରେ ବିବେଚନା କରାଯାଏ । ପେଟ୍ରୋଲରେ ଇଥାନଲ୍ ମିଶ୍ରଣର ବୈଜ୍ଞାନିକ ଏବଂ ଅର୍ଥନୈତିକ ଯଥାର୍ଥତା, ତଥା-ଏହାର ପ୍ରମୁଖ ଲାଭ ଏବଂ ଆହ୍ୱାନଗୁଡ଼ିକ ସଂପର୍କରେ ଆଲୋଚନା କର । ବିକଳ୍ପ ସ୍ୱଚ୍ଛ ପରିବହନ ସମାଧାନଗୁଡ଼ିକର ମୂଲ୍ୟାଙ୍କନକର ଏବଂ ଇଥାନଲ୍ ମିଶ୍ରଣ ସହିତ ସେଗୁଡ଼ିକର ଦୀର୍ଘକାଳୀନ ସ୍ଥାୟିତ୍ୱ ହେବା ବିଷୟରେ ତୁଳନା କରି ଲେଖ ।

Candidate must not write on this margin.

Candidate must not write on this margin.

7. Discuss the present infrastructure and capacity of India's Strategic Petroleum Reserve (SPR). What expansion has been planned and what is the future outlook in this regard? Explain.

ଭାରତର 'ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ' (Strategies Petroleum Reserve) ର ବର୍ତ୍ତମାନର କ୍ଷମତା ଏବଂ ଭିତ୍ତିଭୂମି ଉପରେ ଆଲୋଚନା କର । ଏହାର ସଂପ୍ରସାରଣ ପାଇଁ କରାଯାଇଥିବା ଯୋଜନା ଏବଂ ଭବିଷ୍ୟତ ଦୃଷ୍ଟିକୋଣ କ'ଣ ଅଛି ବୁଝାଇ ଲେଖ ।

8. Do you think that the small average size of landholdings is an impediment to productivity growth in Indian agriculture? Justify your answer.

ଆପଣ କ'ଣ ଭାବୁଛନ୍ତି ଯେ ଭାରତୀୟ କୃଷିରେ ଉତ୍ପାଦକତା ବୃଦ୍ଧିପାଇଁ କ୍ଷୁଦ୍ର ଓ ହାରାହାରି ଜମିଧାରଣ (landholdings) ଏକ ପ୍ରତିବନ୍ଧକ? ନିଜର ଉତ୍ତର ପ୍ରତିପାଦନ କର ।

9. Evaluate the effectiveness of Strategic Environmental Assessment (SEA) in promoting sustainability in India's infrastructure megaprojects. How can institutional frameworks be strengthened for integrated environmental planning and decision-making?

ଭାରତର ଭିତ୍ତିଭୂମି ମେଗାପ୍ରୋଜେକ୍ଟ ଗୁଡ଼ିକରେ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବାରେ ରଣନୈତିକ ପରିବେଶଗତ ମୂଲ୍ୟାଙ୍କନ (SEA) ର ପ୍ରଭାବ ଆଲୋଚନା କର । ସମନ୍ୱିତ ପରିବେଶଗତ ଯୋଜନା ଏବଂ ନିଷ୍ପତ୍ତି ଗ୍ରହଣ ପାଇଁ ସଂସ୍ଥାଗତ ଢ଼ାଞ୍ଚାକୁ କିପରି ସୁଦୃଢ଼ କରାଯାଇ ପାରିବ?

10. India's border regions face unique security challenges due to their geographical, socio-economic and political conditions. Discuss the security threats in India's border areas with reference to linkages between organized crime and terrorism.

ଭାରତର ସୀମାନ୍ତ ଅଞ୍ଚଳଗୁଡ଼ିକ ସେମାନଙ୍କର ଭୌଗୋଳିକ, ସାମାଜିକ-ଅର୍ଥନୈତିକ ଏବଂ ରାଜନୈତିକ ପରିସ୍ଥିତି ଯୋଗୁଁ ଅନନ୍ୟ ସୁରକ୍ଷା ଆହ୍ୱାନର (challenges) ସମ୍ମୁଖୀନ ହୁଅନ୍ତି । ଭାରତର ସୀମାନ୍ତ ଅଞ୍ଚଳରେ ସୁରକ୍ଷାବିପଦ ତତ୍ ସଂଲଗ୍ନ ସଂଗଠିତ ଅପରାଧ ଓ ଆତଙ୍କବାଦ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କର ।

11. How do Google or any other software-based maps work? On what basis, they suggest shortest or less congestion routes?

ଗୁଗୁଲ୍ କିମ୍ବା ଅନ୍ୟକୌଣସି ସଫ୍ଟୱେର୍ ଆଧାରିତ ମାନଚିତ୍ର କିପରି କାର୍ଯ୍ୟ କରେ? କେଉଁ ଆଧାରରେ ସେମାନେ ନ୍ୟୁନତମ କିମ୍ବା କମ୍‌ଭିଡ଼ ରାସ୍ତା ପରାମର୍ଶଦିଅନ୍ତି?

Candidate must not write on this margin.

12. Discuss the structure and key priorities of the Odisha State Budget. To what extent does the budget reflect the state's social development goals and in what ways does it diverge from them?

ଓଡ଼ିଶା ରାଜ୍ୟ ବଜେଟ୍‌ର ଗଠନ ଏବଂ ପ୍ରମୁଖ ପ୍ରାଥମିକତା ବିଷୟରେ ଆଲୋଚନା କର । ବଜେଟ୍ ରାଜ୍ୟର ସାମାଜିକ ବିକାଶ ଲକ୍ଷ୍ୟକୁ କେତେ ପରିମାଣରେ ପ୍ରତିଫଳିତ କରେ ଏବଂ ଏହା କିପରି ଭାବରେ ସେମାନଙ୍କଠାରୁ ଭିନ୍ନ ହୁଏ?

Group—B

ଗ୍ରୁପ୍—B

Candidates to attempt **all** *questions within word limit of* **300**.

Each question carries **20** *marks.*

ପରୀକ୍ଷାର୍ଥୀମାନେ **ସମସ୍ତ** ପ୍ରଶ୍ନ **300** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **20** ମାର୍କ ।

13. Who is a 'money mule'? How does this happen and what are the consequences? What actions are being taken by the Reserve Bank of India in this regard? Suggest some remedial measures to control it.

'Money mule' କହିଲେ କ'ଣ ବୁଝ । ଏହା କିପରି ହୁଏ ଏବଂ ଏହାର ଫଳାଫଳ କ'ଣ? ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ଦିଗରେ କ'ଣ ସବୁ ପଦକ୍ଷେପ ନେଉଛନ୍ତି । ଏହାକୁ ରୋକିବାପାଇଁ କିଛି ଉପଚାର ଉପରେ ପରାମର୍ଶ ଦିଅ ।

14. Discuss the road map of Vikshit Odisha for Vikshit Bharat, its core goals and strategies, core pillars and focus areas and its targets. Are the same feasible in a short time period? Give your opinion.

ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ପଥ ମାନଚିତ୍ର (road map), ଏହାର ମୂଳ ଲକ୍ଷ୍ୟ ଓ ରଣନୀତି (strategies), ମୂଳ ସ୍ତମ୍ଭ (pillar) ଓ ଧ୍ୟାନିତ (focus) କ୍ଷେତ୍ର ଏବଂ ଟାର୍ଗେଟ ଉପରେ ଆଲୋଚନା କର । ସ୍ୱଳ୍ପ ସମୟ ଅବଧି ମଧ୍ୟରେ ଏହା ହାସଲ କରିବା ସମ୍ଭବ କି? ନିଜର ମତାମତ ଦିଅ ।

15. Critically examine the SHANTI Act, 2025 with respect to its objectives, key provisions and concerns. Will this Act aid India's nuclear development? Discuss.

SHANTI Act, 2025 ର ଉଦ୍ଦେଶ୍ୟ, ମୁଖ୍ୟ ପ୍ରାବଧାନ ଏବଂ ଏହାକୁ ନେଇ ଉଦ୍‌ବେଗ ଉପରେ ଆଲୋଚନାତ୍ମକ ସମୀକ୍ଷା କର । ଏହି ଆଇନ ଭାରତର ଆଣବିକ ଅଭିବୃଦ୍ଧିରେ ସହାୟକ ହେବ କି? ଆଲୋଚନା କର ।

16. The easing of sulphur emission standards for coal-fired power plants represents a significant rollback of environmental regulation. Critically evaluate its impact on India's air quality goals, climate commitments and environmental justice, particularly in vulnerable and marginalised regions.

କୋଇଲା ଚାଳିତ ବିଦ୍ୟୁତ୍ କେନ୍ଦ୍ର ପାଇଁ ସଲଫର (sulphur) ନିର୍ଗମନ ମାନଦଣ୍ଡକୁ ସହଜ କରିବା ପରିବେଶଗତ ନିୟନ୍ତ୍ରଣର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟାହାରକୁ ପ୍ରତିନିଧିତ୍ୱ କରେ । ଭାରତର ବାୟୁ ଗୁଣବତ୍ତା ଲକ୍ଷ୍ୟ, ଜଳବାୟୁ ପ୍ରତିବଦ୍ଧତା ଏବଂ ପରିବେଶଗତ ନ୍ୟାୟ ଉପରେ ଏହାର ପ୍ରଭାବକୁ ବିଶେଷ ଭାବରେ ଅସୁରକ୍ଷିତ ଓ ସୀମାନ୍ତ ଅଞ୍ଚଳ ଗୁଡ଼ିକରେ ମୂଲ୍ୟାଙ୍କନ କର ।

17. Discuss the role of micro-irrigation in increasing the water-use efficiency in India. How do you relate the changes in cropping pattern with the development of irrigation system in the country?

ଭାରତରେ ଜଳ ବ୍ୟବହାର ଦକ୍ଷତା ବୃଦ୍ଧି କରିବାରେ ଲଘୁ ଜଳ ସେଚନର ଭୂମିକା ସଂପର୍କରେ ଆଲୋଚନା କର । ଏଥି ସହିତ ଦେଶରେ ଜଳସେଚନ ବ୍ୟବସ୍ଥାର ବିକାଶ ଫସଲ ବ୍ୟବସ୍ଥାର ପରିବର୍ତ୍ତନ ସହିତ କିପରି ସମ୍ପର୍କିତ, ତାହା ଉଲ୍ଲେଖ କର ।

★★★

Candidate must not write on this margin.

SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.

SEAL

SPACE FOR ROUGH WORK

Candidate must not write on this margin.

SEAL

SEAL